# NATIONAL NEWS BULLETIN (ODIA)

**26 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

## ପ୍ରେଜ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମଧ୍ୟପ୍ରଦେଶର ଛତରପୁର ଜିଲ୍ଲାର ବାଗେଶ୍ୱର ଧାମଠାରେ ଏକ ସାମୂହିକ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ଖଜୁରାହ ବିମାନ ବନ୍ଦରରେ ପହଞ୍ଚିଛନ୍ତି । ତାଙ୍କୁ ରାଜ୍ୟପାଳ ମଙ୍ଗୁଭାଇ ପଟେଲ, ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ସ୍ୱାଗତ କରିଛନ୍ତି । ସେଠାରୁ ସେମାନେ ବାଗେଶ୍ୱର ଧାମ ଅଭିମୁଖେ ଯାତ୍ରା କରିଛନ୍ତି ।

ବାଗେଶ୍ୱର ଜନସେବା ସମିତି ପକ୍ଷରୁ ସ୍ଥାନୀୟ ଗଡ଼ଗ୍ରାମରେ ଆୟୋଜିତ ଏହି ସାମୂହିକ ବିବାହ ଉତ୍ସବରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ବିହାର, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡର ୨୫୧ ଜଣ ମହିଳାଙ୍କର ବିବାହ ଉତ୍ସବ ସମ୍ପନ୍ନ କରାଯିବ । ସେଥିମଧ୍ୟରୁ ପ୍ରାୟ ୨୨୫ ଜଣ ଜନଜାତି, ଦଳିତ ଏବଂ ପଛୁଆବର୍ଗର ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ରାଷ୍ଟ୍ରପତିଙ୍କର ଏହି ଗସ୍ତ କେବଳ ଆଧ୍ୟାତ୍ମିକ ତଥା ସାମାଜିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ବୁନ୍ଦେଲଖଣ୍ଡ ଅଞ୍ଚଳର ବିକାଶ ଦିଗରେ ଅଧିକ ସହାୟକ ହେବ ।

# ମହାଶିବରାତ୍ରୀ

ମହାଶିବରାତ୍ରୀ ଉପଲକ୍ଷେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦେଶବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ରାଷ୍ଟ୍ରପତି କହିଛନ୍ତି, ଦେବ ଦେବ ମହାଦେବଙ୍କର ଆଶୀର୍ବାଦ ଦେଶର ପ୍ରତ୍ୟେକ ନାଗରିକଙ୍କ ଉପରେ ରହିବା ସହ ଦେଶ ପ୍ରଗତିପଥରେ ଆଗେଇ ଯିବା ପାଇଁ ସେ ପ୍ରାର୍ଥନା କରିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ଏହି ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ସେ କହିଛନ୍ତି, ଏହି ପବିତ୍ର ଉତ୍ସବ ଆତ୍ମସମୀକ୍ଷା କରିବାର ସଂକେତ ବହନ କରୁଥିବା ବେଳେ ଆଧ୍ୟାତ୍ମିକ ଜାଗରଣ ଆଣିବାରେ ସହାୟକ ହୋଇଥାଏ । ଏହା ଦେଶବାସୀଙ୍କ ମଧ୍ୟରେ ଜ୍ଞାନ, ଧୈର୍ଯ୍ୟ ଓ ଦୟାଭାବ ପ୍ରଦର୍ଶନ କରିବା ଲାଗି ପ୍ରେରଣା ଯୋଗାଇଥାଏ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ କହିଛନ୍ତି ଯେ ଏହି ସ୍ୱର୍ଗୀୟ ମୁହୂର୍ତ୍ତ ଦେବଦେବ ମହାଦେବଙ୍କ ପ୍ରତି ସମର୍ପଣ କରାଯାଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କର ସୁଖ, ଶାନ୍ତି, ପ୍ରଗତି ଓ ଉତ୍ତମ ସ୍ୱାସ୍ଥ୍ୟ  କାମନା କରିଛନ୍ତି । ବିକଶିତ ଭାରତ ଗଢ଼ିବା ଦିଗରେ ଏହି ଉତ୍ସବ ପ୍ରତ୍ୟେକଙ୍କ ମଧ୍ୟରେ ସକାରାତ୍ମକ ଭାବ ସୃଷ୍ଟି କରୁ ବୋଲି ଶ୍ରୀ ମୋଦୀ କହିଛନ୍ତି ।

# ମହାକୁମ୍ଭ

ପ୍ରୟାଗରାଜଠାରେ ଚାଲିଥିବା ବିଶ୍ୱର ସବୁଠାରୁ ବୃହତ ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହାମିଳନ ମହାକୁମ୍ଭ ଆଜି ମହାଶିବରାତ୍ରି ଅବସରରେ ଉଦ୍‌ଯାପିତ ହେବାକୁ ଯାଉଛି । ଏଥିଲାଗି ଆଜି ସକାଳୁ ପ୍ରୟାଗରାଜର ବିଭିନ୍ନ ଘାଟ ସମେତ ସଙ୍ଗମ ଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଉଛନ୍ତି । ଗତ ଜାନୁୟାରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ମହାକୁମ୍ଭରେ ଏପର୍ଯ୍ୟନ୍ତ ୬୪ କୋଟି ୬୦ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅଂଶ ଗ୍ରହଣ କରି ସଂଗମରେ ବୁଡ଼ ପକାଇଛନ୍ତି । ଗତକାଲି ତ୍ରିବେଣୀ ସଂଗମରେ ପ୍ରାୟ ୧ କୋଟି ୨୪ ଲକ୍ଷ ଶ୍ରଦ୍ଧାଳୁ ବୁଡ଼ ପକାଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି । ଶ୍ରଦ୍ଧାଳୁମାନେ ଯେଭଳି ସୁରୁଖୁରୁରେ ବୁଡ଼ ପକାଇ ପୂଜାର୍ଚ୍ଚନା କରିପାରିବେ, ସେଥିଲାଗି ମହାକୁମ୍ଭନଗର ଏବଂ ଅନ୍ୟାନ୍ୟ ଘାଟଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ସହିତ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି ।

---

# ବିହାର କ୍ୟାବିନେଟ୍

ନୀତିଶକୁମାରଙ୍କ ନେତୃତ୍ୱାଧୀନ ବିହାର କ୍ୟାବିନେଟ୍‌ର ଆଜି ସନ୍ଧ୍ୟାରେ ସଂପ୍ରସାରଣ ହେବାର କାର୍ଯ୍ୟକ୍ରମ ରହିଛି । ତାଙ୍କ ମନ୍ତ୍ରିମଣ୍ଡଳରେ ନୂଆ ମନ୍ତ୍ରୀମାନେ ପଦ ଓ ଗୋପନୀୟତାର ଶପଥ ନେବେ । ରାଜସ୍ୱ ଓ ଭୂସଂସ୍କାର ମନ୍ତ୍ରୀ ଦିଲ୍ଲୀପ କୁମାର ଜୟସ୍ୱାଲ ଆଜି ସକାଳେ ଇସ୍ତଫା ପ୍ରଦାନ କରିବା ପରେ କ୍ୟାବିନେଟ୍ ସଂପ୍ରସାରଣ କରାଯାଉଛି । ଡକ୍ଟର ଜୟସ୍ୱାଲ ବିଜେପି ରାଜ୍ୟ ସଭାପତି ରହିଥିବା ବେଳେ କ୍ୟାବିନେଟ୍ ସଂପ୍ରସାରଣ ପାଇଁ ସେ ତାଙ୍କ ପଦରୁ ଇସ୍ତଫା ଦେଇଥିବା ଆଲୋଚନା

ହେଉଛି । ଦଳର ନିୟମ ଅନୁଯାୟୀ ଜଣେ ବ୍ୟକ୍ତି ଗୋଟିଏ ପଦବୀରେ ରହିବାର ବ୍ୟବସ୍ଥା ଥିବାରୁ ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି ।

ଗତକାଲି ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ସଭାପତି ନୀତିଶକୁମାରଙ୍କ ମଧ୍ୟରେ କ୍ୟାବିନେଟ୍ ସଂପ୍ରସାରଣ ନେଇ ପାଟନାଠାରେ ଆଲୋଚନା ହୋଇଥିଲା । ମିଳିଥିବା ସୂଚନା ଅନୁଯାୟୀ ହେବାକୁ ଥିବା କ୍ୟାବିନେଟ୍ ସଂପ୍ରସାରଣରେ ବିଜେପିର ୪ରୁ ୫ ଜଣ ନୂଆ ମୁହଁ ସାମିଲ ହୋଇପାରନ୍ତି । ବର୍ତ୍ତମାନ ବିଜେପିର ଅଧିକାଂଶ ମନ୍ତ୍ରୀ ଏକରୁ ଅଧିକ ବିଭାଗ ଦାୟିତ୍ୱରେ ଥିବାରୁ ଅତିରିକ୍ତ ପଦବୀ ଗୁଡ଼ିକରେ ନୂଆ ମନ୍ତ୍ରୀମାନଙ୍କୁ ସାମିଲ କରାଯିବ ।

---

## ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ଆଜି ତାମିଲନାଡୁର କୋଇମ୍ବାଟୁର୍‌ଠାରେ ଦଳର ନୂଆ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ସେ କାର୍ଯ୍ୟାଳୟ ପରିସରରେ ଚାରା ରୋପଣ କରିଛନ୍ତି । ଦଳୀୟ କାର୍ଯ୍ୟାଳୟରେ  ବିଭିନ୍ନ ନେତାଙ୍କ ସହ ଆଲୋଚନା ମଧ୍ୟ କରିଛନ୍ତି । ମହାଶିବରାତ୍ରୀ ଉପଲକ୍ଷେ  ଇଶା ଯୋଗ କେନ୍ଦ୍ରଠାରେ ସନ୍ଧ୍ୟାରେ ହେଉଥିବା  ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶ୍ରୀ ଶାହା  ଯୋଗଦେବେ । ଆସନ୍ତାକାଲି ସେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ଆମ ସମ୍ବାଦଦାତା ଜଣାଇଛନ୍ତି ଯେ ଗତକାଲି ରାତିରେ ଶ୍ରୀ ଶାହା ବିମାନ ବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଏବଂ ରାଜ୍ୟର ବରିଷ୍ଠ ବିଜେପି ନେତାମାନେ  ସ୍ୱାଗତ କରିଥିଲେ ।

---

## ଜୟଶଙ୍କର

ବୈଦେଶିକମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି ଭାରତ ହେଉଛି ଆଫ୍ରିକାର ଚତୁର୍ଥ ସର୍ବାଧିକ ବ୍ୟବସାୟୀକ ସହଯୋଗୀ । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୦୦ ବିଲିୟନ ଡଲାରରେ ପହଞ୍ଚିଛି ବୋଲି ଜାପାନ-ଭାରତ-ଆଫ୍ରିକା ବିଜିନେସ୍ ଫୋରମକୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ଜୟଶଙ୍କର ଏହା କହିଛନ୍ତି । ଆଫ୍ରିକାର ଅଭିବୃଦ୍ଧି ଓ ପ୍ରଗତି କେବଳ ତା ଦେଶବାସୀଙ୍କର ନୁହେଁ, ବରଂ ବିଶ୍ୱର ସ୍ଥିରତା ଓ ଅର୍ଥନୈତିକ ଉନ୍ନତି କ୍ଷେତ୍ରରେ ଏହା ବିଶେଷ ସହାୟକ ହେବ । ସେ ପୁଣି କହିଛନ୍ତି ଦକ୍ଷିଣଆଫ୍ରିକା ସହ ଯୋଗାଣ ଶୃଙ୍ଖଳକୁ ସୁଦୃଢ଼ କରିବା ଦିଗରେ ଭାରତ ଓ ଜାପାନ ମିଳିତ ଭାବେ ଗୁରୁତ୍ୱପୂର୍ଣ୍ଣ ଓ ନବଉନ୍ମେଷ କ୍ଷେତ୍ରରେ କାର୍ଯ୍ୟ କରିପାରିବେ । ଆଫ୍ରିକା ପ୍ରତି ଭାରତର ସହଯୋଗ ଏକ ଦୀର୍ଘସ୍ଥାୟୀ, ପାରସ୍ପରିକ ସମ୍ବନ୍ଧ ବୃଦ୍ଧିରେ ସହାୟକ ହୋଇପାରିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି ।

## ପିଏମ୍-ସବରକର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସବରକରଙ୍କର ପୁଣ୍ୟତିଥି ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ବୀର ସବରକରଙ୍କର ଅମୂଲ୍ୟ ବଳିଦାନ, ସାହସ ଏବଂ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅପୂର୍ବ ଯୋଗଦାନ ଜାତି କେବେ ଭୁଲିବ ନାହିଁ ।

# ପ୍ରସାରଭାରତୀ-ଚେୟାରମ୍ୟାନ୍

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ ସେହଗଲ କହିଛନ୍ତି, ଦେଶର ସଂସ୍କୃତିର ପ୍ରସାରରେ ଲୋକସେବା ପ୍ରସାରଣକାରୀ ଆକାଶବାଣୀର ପ୍ରମୁଖ ଭୂମିକା ରହିଛି । ମହାକୁମ୍ଭର ଅନ୍ତିମ ଦିନରେ ଏକ ବାର୍ତ୍ତା ଦେଇ ଶ୍ରୀ ସେହଗଲ କହିଛନ୍ତି, ୪୮ ଦିନ ଧରି ଚାଲିଥିବା ମହାକୁମ୍ଭରେ ଆକାଶବାଣୀର **କୁମ୍ଭବାଣୀ** ଚ୍ୟାନେଲ୍ ଅନେକ ଶ୍ରୋତାଙ୍କ ପାଖରେ ପହଞ୍ଚିପାରିଛି । ପ୍ରୟାଗରାଜରେ ହେଉଥିବା ମହାକୁମ୍ଭର ପ୍ରତ୍ୟେକଟି ଖବର ଶ୍ରଦ୍ଧାଳୁଙ୍କ ପାଖରେ କୁମ୍ଭବାଣୀ ମାଧ୍ୟମରେ ପହଞ୍ଚିପାରିଛି ବୋଲି ସେ କହିଛନ୍ତି ।

ଶ୍ରୀ ସେହଗଲ ଆହୁରି କହିଛନ୍ତି, ମହାକୁମ୍ଭ ବିବିଧତା ମଧ୍ୟରେ ଏକତା ଆଣିବାରେ ସହାୟକ ହୋଇଥିବା ବେଳେ **କୁମ୍ଭବାଣୀ** ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପ୍ରୟାଗରାଜକୁ ଆସୁଥିବା ତୀର୍ଥଯାତ୍ରୀ, ବିଭିନ୍ନ ଆଖଡ଼ାର ସାଧୁ ସନ୍ନ୍ୟାସୀଙ୍କୁ ଯୋଡ଼ିବାରେ ପ୍ରମୁଖ ଭୂମିକା ନିର୍ବାହ କରିଛି ।

**V/O**

ପ୍ରସାରଭାରତୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ ଆକାଶବାଣୀର କୁମ୍ଭବାଣୀ ଚ୍ୟାନେଲ୍‌ର କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଠିକ୍ ସମୟରେ ସମ୍ବାଦ ପରିବେଷଣ, ସାକ୍ଷାତକାର ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସାରଣ କରି ଆକାଶବାଣୀ ଲୋକସେବା ପ୍ରସାରଣକାରୀ ଭାବେ ଦେଶବାସୀଙ୍କର ପ୍ରକୃତ ସେବା କରିପାରିଛି । ଉଭୟ ମହାକୁମ୍ଭ ଓ କୁମ୍ଭବାଣୀ ଯାତ୍ରା ଲକ୍ଷଲକ୍ଷ ଶ୍ରଦ୍ଧାଳୁଙ୍କ ହୃଦୟରେ ସ୍ୱର୍ଗୀୟ ସ୍ଥାନ ବଜାୟ ରଖିବାରେ ଅବିସ୍ମରଣୀୟ ହୋଇ ରହିବ ବୋଲି ଶ୍ରୀ ଦ୍ୱିବେଦୀ କହିଛନ୍ତି ।

## ଚେସ୍

ମୋନାକୋ ମହିଳା ଗ୍ରାଣ୍ଡ ପ୍ରିକ୍ସ ଚେସ୍‌ରେ ଭାରତର ଗ୍ରାଣ୍ଡ୍ ମାଷ୍ଟର କୋନେରୁ ହମ୍ପି  ସ୍ୱେନ୍‌ର ଶରସାଦାତ୍ ଖାଦେମ୍‌ଙ୍କୁ ପରାସ୍ତ କରିଛନ୍ତି । ଏହି ବିଜୟ ସହିତ ସେ ୪ ପଏଣ୍ଟ ପାଇ ଟୁର୍ଣ୍ଣାମେଣ୍ଟରେ ଯୁଗ୍ମ ଦ୍ୱିତୀୟ ବିଜେତା ହୋଇଛନ୍ତି ।

## ଆଇସିସି-ଚାମ୍ପିୟନ୍ସ ଟ୍ରଫି

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତାର  ଗ୍ରୁପ୍-ବିରେ ଆଜି ଇଂଲଣ୍ଡ ଏବଂ ଆଫ୍‌ଗାନିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଏଥିରେ ପରାଜିତ ଦଳ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିବ ।

ଗତକାଲି  ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଯାଇଛି । ତେବେ ଉଭୟ ଦଳ ଗୋଟିଏ ଲେଖାଏଁ ପଏଣ୍ଟ ପାଇଛନ୍ତି ।